# ଓଡିଶା ରାଜ୍ୟ ଅର୍ଥ ନିଗମ

## ଓ.ଏମ.ପି. ଛକ, କଟକ-୭୫୩୦୦୩

ବିଜ୍ଞାପନ ନଂ E-Auc/୦୧/୨୦୧୮-୧୯

## ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ତା.୦୯.୧୧.୨୦୧୮

**ଓଡିଶା ରାଜ୍ୟ ଅର୍ଥ ନିଗମ ଦ୍ୱାରା ଜବତ ହୋଇଥିବା (ଏସ. ଏଫ. ସି ଆକ୍ଟ – ୧୯୫୧ ଏବଂ ଧାରା- ୨୯ ଅନୁସାରେ) ସ୍ଥାବର/ଅସ୍ଥାବର ସମ୍ପତ୍ତି ଗୁଡିକର ଇ –ନିଲାମ ବିକ୍ରୟ ପାଇଁ ସର୍ବସାଧାରଣ ବିଜ୍ଞପ୍ତି**

**ଅମାନତ ରାଶି ଓ କାଗଜ ପତ୍ର (ଅନଲାଇନ୍) ଦାଖଲ କରିବାର ଅନ୍ତିମ ତାରିଖ: ୨୭/୧୧/୨୦୧୮ ଅପରାହ୍ନ ୪.୦୦ ଘଟିକା ସୁଦ୍ଧା**

ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ନିଗମର ଥିବା ବକେୟା ଦେୟ ଆଦାୟ ପାଇଁ ନିମ୍ନ ବର୍ଣ୍ଣିତ ତା ୨୯/୧୧/୨୦୧୮(ସମୟ ପୂର୍ବାହ୍ନ ୧୧ ଘଟିକାରୁ ମଧ୍ୟାହ୍ନ ୧.୦୦ ଘଟିକା ମଧ୍ୟରେ) ଅନଲାଇନ୍ ଇ- ନିଲାମ ଜରିଆରେ ନିମ୍ନରେ ବର୍ଣ୍ଣିତ ହୋଇଥିବା ଜବତ ସମ୍ପତ୍ତି ଗୁଡିକ "ଯେଉଁଠାରେ ଯେଉଁ ଭଳି ଅଛି ସେହି ଅବସ୍ଥାରେ" ବିକ୍ରୟ ପାଇଁ ଦରଖାସ୍ତ ଆହ୍ୱାନ କରୁଅଛି

| | ଇ-ନିଲାମ ଜରିଆରେ ଜବତ ସମ୍ପତ୍ତି ବିକ୍ରୟ | |
|---|---|---|
| କ୍ରମାଙ୍କ | ଜବତ ସ୍ଥାବର/ଅସ୍ଥାବର ସମ୍ପତ୍ତି ର ବିବରଣୀ | ସଂରକ୍ଷିତ ମୂଲ୍ୟ<br>ଅମାନତ ଜମା<br>ବିଡ୍ ର କ୍ରମ ବର୍ଦ୍ଧନ ମୂଲ୍ୟ |
| ୦୧ | ମେସର୍ସ ରେଡିଏଣ୍ଟ ଟେଲିସିଷ୍ଟମ ଲିଃ, **IDCO Plot No. A/129,** ଶିଳ୍ପାଞ୍ଚଳ ମଞ୍ଚେଶ୍ୱର, ଭୁବନେଶ୍ୱର ଜମି – ଏ.୦.୭୬ ଡିସିମିଲ (୧୨୦'x ୨୭୫'), ଗୃହ, ଆସବାବପତ୍ର ଓ ଅନ୍ୟାନ୍ୟ (ଶାଖା ପରିଚାଳକ, ଭୁବନେଶ୍ୱର ଶାଖା, ମୋବାଇଲ ନମ୍ବର – ୯୪୩୭୧୭୨୧୨୫) | ଟ. ୪,୭୮,୧୩,୦୦୦/-<br>ଟ. ୨୩,୯୧,୦୦୦/-<br>ଟ. ୨୦,୦୦୦/- |
| ୦୨ | ମେସର୍ସ ଟ୍ରାଯ୍ରୋ ମଲ୍ଟି ପର୍ପୋଜ ଇଣ୍ଡଷ୍ଟ୍ରି, ମୌ – ଖଇରା ଜଗତପୁର, କଟକ ଜମି – ଏ.୦.୨୭ ଡିସିମିଲ ଏବଂ ଗୃହ (ଶାଖା ପରିଚାଳକ, କଟକ ଶାଖା, ମୋବାଇଲ ନମ୍ବର – ୯୯୩୭୦୨୪୨୮୭) | ଟ. ୧,୮୮,୨୨,୦୦୦/-<br>ଟ. ୯,୪୧,୫୦୦/-<br>ଟ. ୨୦,୦୦୦/- |
| ୦୩ | ମେସର୍ସ ଶିବ ବାବା ପାୱାରଲୁମ ଇଣ୍ଡଷ୍ଟ୍ରି (ପ୍ରା) ଲିଃ, ଶିଳ୍ପାଞ୍ଚଳ ଜାରକା, ପ୍ଲଟ ନମ୍ବର – ୨୨ ଓ ୨୨/କ, ଧର୍ମଶାଳା, ଯାଜପୁର, ଜମି – ଏ.୦.୪୯୮ ଡିସିମିଲ, ଗୃହ ଏବଂ ଯନ୍ତ୍ରପାତି ସହିତ (ଶାଖା ପରିଚାଳକ, ପାରାଦୀପ ଶାଖା, ମୋବାଇଲ ନମ୍ବର – ୯୮୬୧୩୨୪୨୭୦) | ଟ. ୫୧,୯୨,୦୦୦/-<br>ଟ. ୨,୬୦,୦୦୦/-<br>ଟ. ୧୦,୦୦୦/- |

ସମ୍ପତ୍ତି ତନଖିର ତାରିଖ ଏବଂ ସମୟ : ତା ୧୦/୧୧/୨୦୧୮ ରୁ ୨୭/୧୧/୨୦୧୮ ପୂର୍ବାହ୍ନ ୧୧ ଘଟିକାରୁ ଅପରାହ୍ନ ୪.୦୦ ଘଟିକା

**ଅମାନତ ରାଶି (RTGS/NEFT ମାଧ୍ୟମରେ) ନିଗମର ଆକାଉଣ୍ଟର ବିବରଣୀ**

**ଆକାଉଣ୍ଟ ନମ୍ବର – 407102050000141, ବ୍ୟାଙ୍କର ନାମ – Union Bank of India, College Square Branch, Cuttack-3, IFSC Code:UBIN0540714**

**ଇ-ନିଲାମର ନିୟମ ଓ ସର୍ତ୍ତାବଳୀ :**

(୧) ନିଲାମ ବିକ୍ରୟ ୱେବସାଇଟ **https://osfc.auctiontiger.net** ମାଧ୍ୟମରେ "ଅନଲାଇନ୍ ଇ-ନିଲାମ" ଦ୍ୱାରା ତା ୨୯/୧୧/୨୦୧୮ (ପୂର୍ବାହ୍ନ ୧୧ ଘଟିକାରୁ ମଧ୍ୟାହ୍ନ ୧.୦୦ ଘଟିକା ସମୟରେ) ବର୍ଦ୍ଧିତ ୫ ମିନିଟ (ଅସୀମିତ ପ୍ରତ୍ୟେକ) ସହିତ ସମ୍ପନ୍ନ କରାଯିବ । (୨) ଇଚ୍ଛୁକ ଇ-ନିଲାମ ଧାରୀମାନେ ଇ-ମେଲ ଠିକଣାଧାରୀ ହୋଇଥିବା ଉଚିତ । (୩) ଇଚ୍ଛୁକ ଇ-ନିଲାମଧାରୀ ମାନଙ୍କୁ ଜଣାଇ ଦିଆଯାଉଛି କି ସେମାନେ ପ୍ରସ୍ତାବ ଦାଖଲ କରିବା ପୂର୍ବରୁ ଏବଂ ଇ-ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ପୂର୍ବରୁ ୱେବସାଇଟ **https://osfc.auctiontiger.net** ମାଧ୍ୟମରେ ନିଲାମର ନିୟମ ଓ ସର୍ତ୍ତାବଳୀ ର ସବିଶେଷ ବିବରଣୀ ଦେଖନ୍ତୁ । (୪) ଇଚ୍ଛୁକ ନିଲାମ ଧାରୀମାନେ ମେସର୍ସ ଇ-ପ୍ରୋକ୍ୟୁରମେଣ୍ଟ ଟେକ୍ନୋଲୋଜି ଲିଃ **(Auction Tiger) ଅହମ୍ମଦାବାଦ ଠାରୁ** ଇ-ନିଲାମ ତାଲିମ ପାଇପାରିବେ, ଯୋଗାଯୋଗ – ଶ୍ରୀ ରାମ ଶର୍ମା (ମୋବାଇଲ ନମ୍ବର – ୦୮୦୦୦୦୨୩୨୯୭) ଏବଂ ଶ୍ରୀ ରାକେଶ ନାୟକ (ମୋବାଇଲ ନମ୍ବର – ୯୯୩୭୨୨୦୩୧୯), ଫୋନ ନମ୍ବର – ୦୭୯୬୧-୨୦୦୫୯୮ ଏବଂ ୦୭୯୬୧-୨୦୦୫୨୦, ଇ-ମେଲ ଆଇଡି - **support@auctiontiger.net** ଓ **orissa@auctiontiger.net** (୫) ପ୍ରସ୍ତାବ ଗୁଡିକ ଧାର୍ଯ୍ୟ ଫର୍ମାଟରେ ସବିଶେଷ ତଥ୍ୟ ସହିତ ଅନଲାଇନ୍ **ମାଧ୍ୟମରେ ଦାଖଲ ହେବ । (୬)** ଅନଲାଇନ୍‌ରେ ପ୍ରସ୍ତାବ **ଦାଖଲର ଅନ୍ତିମ ତାରିଖ :** ତା ୨୭/୧୧/୨୦୧୮ ଅପରାହ୍ନ ୪.୦୦ ଘଟିକା (୭) ବିଡ୍ ଫର୍ମର ଏକ ନକଲ ସହିତ ଅନଲାଇନ୍‌ରେ **ଦାଖଲ ସଂଯୁକ୍ତ କାଗଜାତ (UTR** ନଂ ଦର୍ଶାଇବେ) ବିଭାଗୀୟ ମୁଖ୍ୟ (ଋଣ ଆଦାୟ ବିଭାଗ) ,ଓଡିଶା ରାଜ୍ୟ ଅର୍ଥ ନିଗମ, ଓ.ଏମ.ପି ଛକ କଟକ-୩ ଙ୍କୁ ଇ-ମେଲ (**rdhodosfc@yahoo.com**) ଦ୍ୱାରା ହସ୍ତାନ୍ତର କରିବେ . (୮) ସଂରକ୍ଷିତ ମୂଲ୍ୟ ଠାରୁ ଦାଖଲ କରିବାକୁ ଥିବା ପ୍ରସ୍ତାବର ମୂଲ୍ୟ ସମାନ/ଅଧିକ ହେବା ଉଚିତ ଏବଂ

ନିଲାମଧାରୀମାନେ ସେମାନଙ୍କର ପରବର୍ତ୍ତୀ ବର୍ଦ୍ଧିତ ପ୍ରସ୍ତାବ ଉପରେ ବର୍ଣ୍ଣିତ ପ୍ରତ୍ୟେକ ସମ୍ପତ୍ତିର ଅନୁସାରେ ବଢାଇବେ (୯) ସଫଳ ନିଲାମଧାରୀମାନେ ନିଲାମ ରାଶିର ୨୫% (ପୈଠ ହୋଇଥିବା ଅମାନତ ରାଶି ଅନ୍ତର୍ଭୁକ୍ତ କରି) ସମ୍ପତ୍ତି ବିକ୍ରୟ ଦିନ ଯେଉଁ ମାନଙ୍କର ନିଲାମ ଡାକ ସର୍ବାଧିକ ହେବ ସେମାନେ ଘୋଷିତ ହୋଇଥିବା ସମ୍ପତ୍ତିର ସଂରକ୍ଷିତ ମୂଲ୍ୟ ବା ରାଜି ହୋଇଥିବା ନିଲାମ ମୂଲ୍ୟର ୨୫ ପ୍ରତିଶତ ଅମାନତ ଭାବେ ପୂର୍ବରୁ ଦେଇଥିବା ଅମାନତ ଜମାକୁ ବାଦ୍ ଦେଇ ସେହିଠାରେ ବ୍ୟାଙ୍କ ଡ୍ରାଫଟ/ପେ ଅର୍ଡର/ବ୍ୟାଙ୍କର ଚେକ୍/NEFT/RTGS ମାଧ୍ୟମରେ ପରବର୍ତ୍ତୀ କାର୍ଯ୍ୟ ଦିବସ ସୁଦ୍ଧା ଜମା ଭାବେ ଦେବାକୁ ହେବ। ଯଦି ନିଲାମଧାରୀ ଏହି ସର୍ତ୍ତକୁ ପାଳନ ନ କରନ୍ତି ତେବେ ତାଙ୍କର ଅମାନତ ଜମା ବ୍ୟାଜ୍ୟାପ୍ତି ହୋଇଯିବ। ବିକ୍ରୟ ସମ୍ପତ୍ତିର ବଳକା ଦେୟ ପତ୍ର ମାଧ୍ୟମରେ କ୍ରେତାଙ୍କୁ ଅବଗତ କରାଯିବ ଏବଂ ସେମାନେ ବିକ୍ରୟ ପତ୍ର ପ୍ରେରଣର ୩୦ ଦିନ ମଧ୍ୟରେ ଉକ୍ତ ଟଙ୍କା ଜମା ଦେବାକୁ ହେବ। ଯଦି କ୍ରେତା ନିର୍ଦ୍ଧାରିତ ସମୟ ମଧ୍ୟରେ ଉକ୍ତ ଦେୟ ଦେଇ ନ ପାରନ୍ତି ତେବେ ସେ ଦେଇଥିବା ଜମାକୁ ମଧ୍ୟ ନିଗମ ବ୍ୟାଜ୍ୟାପ୍ତି କରିପାରିବ। (୧୦) ଅସଫଳ ନିଲାମଧାରୀଙ୍କୁ ଅମାନତ ଜମା ଇ -ନିଲାମ ପ୍ରକ୍ରିୟା ସମାପ୍ତ ହେବାର ୭ କାର୍ଯଦିବସ ମଧ୍ୟେ ଫେରସ୍ତ କରାଯିବ । (୧୧) ନିଗମ ଦ୍ୱାରା ବିକ୍ରୟ ଚୂଡାନ୍ତ କରାଯିବ ଏବଂ ଯଦି ଋଣ ଗ୍ରହିତା /ଗ୍ୟାରେଣ୍ଟିଦାତା ବିକ୍ରୟ ପୂର୍ବରୁ ସମସ୍ତ ଦେୟ ପୈଠ କରନ୍ତି ତେବେ ସମ୍ପତ୍ତି ବିକ୍ରୟ କରାଯିବ ନାହିଁ। (୧୨) ସମ୍ପତ୍ତି ଗୁଡିକ ଯେଉଁଠାରେ ଯେଉଁଭଳି ଅଛି ସେହି ଅବସ୍ଥାରେ ବିକ୍ରୟ କରାଯିବ ଏବଂ ଇଚ୍ଛୁକ ନିଲାମଧାରୀମାନେ ସମ୍ପତ୍ତି ବିଷୟରେ ଅନୁସନ୍ଧାନ କରି ପ୍ରସ୍ତାବ ଦାଖଲ ପୂର୍ବରୁ ସମ୍ପତ୍ତିର ମାଲିକାନା , ପରିମାଣ, ଗୁଣ ଏବଂ ନିଗମ ଦେୟ ବ୍ୟତୀତ ଅନ୍ୟାନ୍ୟ ବିଷୟରେ ସନ୍ତୁଷ୍ଟ ହେବା ଉଚିତ । ଅନଲାଇନ ପ୍ରସ୍ତାବ ଦାଖଲ କରିବା ପରେ ବିକ୍ରୟ ହେବାକୁ ଥିବା ସମ୍ପତ୍ତି ବିଷୟକ କୌଣସି ଦାବି , ଦେୟ ଇତ୍ୟାଦି ବିଷୟ ଗ୍ରହଣ ଯୋଗ୍ୟ ହେବ ନାହିଁ । (୧୩) ନିଗମର ପରିଚାଳନା ନିର୍ଦ୍ଦେଶକ କୌଣସି ପୂର୍ବ ନୋଟିସ ନ ଦେଇ ଏବଂ କୌଣସି କାରଣ ନ ଦର୍ଶାଇ କୌଣସି ପ୍ରସ୍ତାବକୁ ବାତିଲ କିମ୍ବା ଗ୍ରହଣ କିମ୍ବା ବିକ୍ରୟକୁ ମୁଲତବୀ/ସ୍ଥଗିତ କିମ୍ବା ବିକ୍ରୟ ନିୟମ ଏବଂ ସର୍ତ୍ତାବଳୀକୁ ପରିବର୍ତ୍ତନ କରିବାର ସମ୍ପୂର୍ଣ୍ଣ କ୍ଷମତା ସଂରକ୍ଷିତ ରଖିଛନ୍ତି (୧୪) କ୍ରେତା ଷ୍ଟାମ୍ପଡ୍ୟୁଟି ସହିତ ବିକ୍ରୟ ପତ୍ର ରେଜିଷ୍ଟ୍ରେସନ ଦେୟ, ସରକାରଙ୍କୁ ପ୍ରଦାନ କରିବାକୁ ଥିବା ସମସ୍ତ ଆଇନଗତ ଦେୟ ସମ୍ପତ୍ତିର ବର୍ତ୍ତମାନ ଏବଂ ଭବିଷ୍ୟତ କର/ଦେୟ ଇତ୍ୟାଦି ବହନ କରିବେ । କେବଳ ସଫଳ କ୍ରେତାଙ୍କୁ ବିକ୍ରୟ ପତ୍ର ପ୍ରେରଣ କରାଯିବ । (୧୫) ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ପାଇଁ ଅମାନତ ରାଶି ଦାଖଲ କରିଥିବା ନିଲାମଧାରୀ କୌଣସି କାରଣରୁ ଉକ୍ତଦିନ ନିଲାମରେ ଅଂଶଗ୍ରହଣ କରି ନ ପାରିଲେ ଦାଖଲ କରିଥିବା ଅମାନତ ରାଶି ବାଜ୍ୟାପ୍ତି ହୋଇଯିବ । (୧୬) ସମ୍ପତ୍ତିର ତନଖି ଏବଂ ସବିଶେଷ ବିବରଣୀ ନିମନ୍ତେ ଇଚ୍ଛୁକ ନିଲାମଧାରୀମାନେ ଶାଖା ମୁଖ୍ୟଙ୍କୁ ଉପରୋକ୍ତ ଫୋନ ନମ୍ବରରେ ଯୋଗାଯୋଗ କରିପାରିବେ । (୧୭) ଇ-ନିଲାମ ବିକ୍ରୟ ଗୁଡିକ ନିଗମର ବିକ୍ରୟ ସର୍ତ୍ତାବଳୀ ଦ୍ୱାରା ଆଧାରିତ । (୧୮) ନିଗମ ଋଣ ଗ୍ରହିତା/ଜାମିନ ଦାତା/ବନ୍ଧକ ଦାତାଙ୍କୁ ବ୍ୟକ୍ତିଗତ ନୋଟିସ ଦେବାକୁ ବାଧ୍ୟ ନୁହେଁ ଏବଂ ଏହି ବିଜ୍ଞାପନ ସେମାନଙ୍କର ଅବଗତ ନିମନ୍ତେ ଯଥେଷ୍ଟ। (୧୯) ଇ-ନିଲାମ ଅନ୍ତର୍ଗତ କୌଣସି ଆଇନଗତ ବିବାଦ ସ୍ଥଳେ ତାହା କଟକ, ଓଡିଶା ପରିଧି ମଧ୍ୟେ ଅନ୍ତର୍ଭୁକ୍ତ ହେବ ।

ପରିଚାଳନା ନିର୍ଦ୍ଦେଶକଙ୍କ ଆଦେଶମତେ
ବିଭାଗୀୟ ମୁଖ୍ୟ (ଋଣ ଆଦାୟ ବିଭାଗ)

Size : 12cm x 24cm